# ଏମ୍‌କେସିଜିରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■ପଜେଟିଭ ବଦଳରେ ଦେଲେ ନେଗେଟିଭ ଗ୍ରୁପ ରକ୍ତ

■ଅଭିଯୋଗକୁ ଖଣ୍ଡନ କଲେ ବିଭାଗୀୟ ମୁଖ୍ୟ

ବ୍ରହ୍ମପୁର,୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)



ଏମକେସିଜି ମେଡିକାଲରେ ପଜେଟିଭ ବଦଳରେ ନେଗେଟିଭ ଗ୍ରୁପର ରକ୍ତ ଦିଆଯିବା ସହ ଠିକ ସମୟରେ ଚିକିତ୍ସା କରା ନଯିବାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। କିନ୍ତୁ ଏହି ଅଭିଯୋଗକୁ ଏମକେସିଜି ସ୍ତ୍ରୀ ଓ ପ୍ରସୂତି ବିଭାଗୀୟ ମୁଖ୍ୟ ଖଣ୍ଡନ କରିଛନ୍ତି। ପ୍ରସବ ପରବର୍ତ୍ତୀ ଜଟିଳତା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ସଫେଇ ଦିଆଯାଇଛି।

ଗଞ୍ଜାମ ବ୍ଲକ କରପଡା ଗ୍ରାମର ପ୍ରଶାନ୍ତ ନାୟକଙ୍କ ସ୍ତ୍ରୀ ସୁନେଲୀ (୨୪)ଙ୍କ ୨ ଦିନ ତଳେ ଗର୍ଭ ଯନ୍ତ୍ରଣା ହେବାରୁ ଛତ୍ରପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ରେଫର ହୋଇ ଏମକେସିଜି ମେଡିକାଲକୁ ଆସିଥିଲେ। ଏଠାରେ ପହଞ୍ଚିବା ପରେ ସୁନେଲୀଙ୍କୁ ଲେବର ରୁମରେ ଦିନସାରା ରଖାଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପ୍ରସବର କିଛି ଘଣ୍ଟା ପରେ ସୁନେଲୀଙ୍କ ରକ୍ତସ୍ରାବ ବଢ଼ିବାରେ ଲାଗିଥିଲା। ତାଙ୍କୁ ତୁରନ୍ତ ପ୍ରସୂତି ପରବର୍ତ୍ତୀ ଜରୁରୀକାଳୀନ କକ୍ଷରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ସୁନେଲୀଙ୍କ ଚିକିତ୍ସା କରିବା ସହ ରକ୍ତ ଯୋଗାଡ କରିବାକୁ ପରିବାର ଲୋକଙ୍କୁ କହିଥିଲେ। ତେବେ ସୁନେଲୀଙ୍କ ରକ୍ତ ଗ୍ରୁପ ପୂର୍ବ ମେଡିକାଲ ରିପୋର୍ଟ ଓ ମମତା କାର୍ଡରେ 'ଓ' ପଜିଟିଭ ଦର୍ଶାଯାଇଥିବା ବେଳେ ଏମକେସିଜି ମେଡିକାଲରେ ପରୀକ୍ଷା ପରେ ତାଙ୍କ ରକ୍ତ ଗ୍ରୁପ 'ଓ' ନେଗେଟିଭ ବୋଲି ଜଣାପଡିଥିଲା । ଫଳରେ ପରିବାର ଲୋକେ ପ୍ରଥମେ 'ଓ' ପଜିଭିଟ ରକ୍ତ ଆଣିଥିବା ବେଳେ ପରେ ସେମାନଙ୍କୁ 'ଓ' ନେଗେଟିଭ ରକ୍ତ ଆଣିବାକୁ କୁହାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୁନେଲୀଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ତେବେ ଭୁଲ ରକ୍ତ ଦିଆଯିବା ସହ ପ୍ରସବ ପରେ ଠିକ ଭାବେ ଚିକିତ୍ସା କରାନଯିବାରୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ରକ୍ତ ଗ୍ରୁପ କ୍ରସ ମ୍ୟାଚିଂ ରିପୋର୍ଟରେ ଲେଖାଗୁଡ଼ିକ ସଂଶୋଧନ କରାଯାଇଛି। ସୋମବାର ରାତିରେ ଭୁଲ ରକ୍ତ ଦିଆଯିବା ସମ୍ପର୍କରେ ସୁନେଲୀଙ୍କ ପରିବାର ପକ୍ଷରୁ ଏମକେସିଜିର ଅଧୀକ୍ଷକ ଓ ରେଜିଷ୍ଟ୍ରାରଙ୍କୁ ଜଣାଇବାକୁ ଫୋନ ଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି । ତେଣୁ ଏହି ଘଟଣାର ତଦନ୍ତ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପରିବାର ଲୋକେ ଦାବି କରିଛନ୍ତି । ଭାଜପା କୃଷକ ମୋର୍ଚ୍ଚା ଗଞ୍ଜାମ ବ୍ଲକ ପୂର୍ବତନ ସଭାପତି ତଥା ମୃତାଙ୍କ କକା ହେମନ୍ତ ନାହାକ କହିଛନ୍ତି, ସୁନେଲୀଙ୍କ ମମତା କାର୍ଡ ଓ ଛତ୍ରପୁର ମେଡିକାଲର ରିପୋର୍ଟରେ ତାଙ୍କର ରକ୍ତ ଗ୍ରୁପ 'ଓ' ପଜେଟିଭ ଥିବା ସତ୍ତ୍ୱେ ଏମକେସିଜି ଡାକ୍ତର ତାଙ୍କୁ 'ଓ' ନେଗେଟିଭ ରକ୍ତ ଦେଇଥିଲେ। ଡାକ୍ତରଙ୍କ ଏହି ତ୍ରୁଟି ଯୋଗୁଁ ମୋ ଝିଆରିର ମୃତ୍ୟୁ ଘଟିଛି। ଘଟଣାର ଠିକ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ସ୍ଥାନୀୟ ବିଧାୟକଙ୍କ ସହାୟତାରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଘଟଣାକୁ ନେଇ ଏମକେସିଜିର ଡିନ ତଥା ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଚିକିତ୍ସା ଅବହେଳା ନୁହଁ ବରଂ ରକ୍ତହୀନତା ଓ ପ୍ରସବ ପରବର୍ତ୍ତୀ ଜଟିଳତା ଯୋଗୁ ସୁନେଲୀଙ୍କ ମୃତ୍ୟୁ ହୋଇଛି । ସେହିପରି ସୁନେଲୀଙ୍କ ରକ୍ତ ଗ୍ରୁପ ପରୀକ୍ଷା ପରେ 'ଓ'ନେଗେଟିଭ ଜଣାପଡିବା ପରେ ତାଙ୍କୁ ସେହି ଗ୍ରୁପର ୩ ୟୁନିଟ ରକ୍ତ ଦିଆଯାଇଥିଲା ବୋଲି ରକ୍ତଭଣ୍ଡାର ମୁଖ୍ୟ ପ୍ରଫେସର ଡା. ସବିତା ପଲେଇ କହିଛନ୍ତି । 'ଓ'ନେଗେଟିଭ ରକ୍ତ ନେବା ପରେ କାହାର ମୃତ୍ୟୁ ହୁଏନାହିଁ ବୋଲି ମଧ୍ୟ ସେ କହିଛନ୍ତି । ସେହିପରି ପ୍ରସବର କିଛି ସମୟ ପରେ ସୁନେଲୀଙ୍କ ପୋଷ୍ଟ ପୋର୍ଟମ ହେମେରେଜ(ପିପିଏଚ) ସମସ୍ୟା ଦେଖାଦେଇଥିଲା। ତାଙ୍କୁ ଅସ୍ତ୍ରୋପଚାର ଗୃହକୁ ନେଇ ଆବଶ୍ୟକ ଚିକିତ୍ସା କରାଯାଇଥିଲା । ସମସ୍ତ ଚେଷ୍ଟା ପରେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡା. ସଂଘମିତ୍ରା ମହାପାତ୍ର କହିଛନ୍ତି ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ମିସ୍‌ଡ କଲ୍ ଯୋଗେ ଅଭିଯୋଗ ପଞ୍ଜୀକରଣ ସେବା ଆରମ୍ଭ

ବ୍ରହ୍ମପୁର,୧୨।୧୧(ସ୍ମୃତି ରଞ୍ଜନ ମହାଲିକ)

ଗ୍ରାହକ ସେବାକୁ ସୁଦୃଢ଼ ଓ ବିଜୁଳି ବିଚ୍ଛିନ୍ନ ସଂପର୍କିତ ଅଭିଯୋଗ ଦାଖଲ ପ୍ରକ୍ରିୟାକୁ ସହଜ ଉଦ୍ଦେଶ୍ୟରେ ଟିପିଏସଓଡିଏଲ ପକ୍ଷରୁ ମିସ୍‌ଡ କଲ ଯୋଗେ ଅଭିଯୋଗ ପଞ୍ଜୀକରଣ ସେବା ଆରମ୍ଭ ହୋଇଛି। ମିସ୍‌ଡ କଲ ଜରିଆରେ ଉପଭୋକ୍ତାଙ୍କୁ ତୁରନ୍ତ ଓ ସ୍ୱୟଂଚାଳିତ ପ୍ରତିକ୍ରିୟା ମିଳୁଛି। ବିଜୁଳି ସେବା ବିଚ୍ଛିନ୍ନ ହୋଇଥିଲେ ଉପଭୋକ୍ତା ନଂ. ୯୭୭୭୭୭୪୬୯୯ରେ ମିସ୍‌ଡ କଲ କରି ସେବା ସଂପର୍କିତ ସମସ୍ତ ବିବରଣୀ ପାଇବା ସହ ଅଭିଯୋଗ ପଞ୍ଜିକରଣ କରିପାରିବେ। କମ୍ପାନୀ ପକ୍ଷରୁ ପଞ୍ଜୀକୃତ ଉପଭୋକ୍ତାଙ୍କ ନମ୍ବରକୁ ଏକ ମେସେଜ ଆସିଥାଏ। ମେସେଜରେ ବିଜୁଳି ବିଚ୍ଛିନ୍ନ ସମ୍ବନ୍ଧିତ କାରଣ ଓ ପୁନରୁଦ୍ଧାର ଏକ ଅନୁମାନିକ ସମୟ ଉଲ୍ଲେଖ ରହିଥାଏ। ସେହିପରି ବ୍ୟକ୍ତିଗତ ଅଭିଯୋଗ କ୍ଷେତ୍ରରେ ଏକ କନଫରମେଶନ ମେସେଜ ଓ ଅଭିଯୋଗ ପଞ୍ଜିକରଣ ନଂ ଆସିଥାଏ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କମ୍ପାନୀର ଏହି ମିସ୍‌ଡ କଲ ଅଭିଯୋଗ ଦାଖଲ ବ୍ୟବସ୍ଥା ଉପଭୋକ୍ତା ଯୋଗାଯୋଗ ଓ ସନ୍ତୁଷ୍ଟି କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ। କମ୍ପାନୀ ଉପଭୋକ୍ତା ସଂପ୍ରଦାୟଙ୍କ ସୁବିଧା ପାଇଁ ଅଭିନବ ଉଦ୍ୟମ ଜାରି ରଖିବାକୁ ପ୍ରତିବଦ୍ଧ।

## ବଡ଼ଗଡ଼ ରାଜଜେମାଙ୍କ ପରଲୋକ

ବ୍ରହ୍ମପୁର,୧୨।୧୧
(ଅଶୋକ କୁମାର ସାହୁ)



ବଡ଼ଗଡ଼ ରାଜଜେମା ସଞ୍ଜୁ ସିଂହଙ୍କ ହିଲ୍‌ପାଟଣା ସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ରାଜା କିଶୋର ଚନ୍ଦ୍ର ସିଂହ,ପୁତ୍ର ରାଜୀବ ସିଂହ, କନ୍ୟା ରାଜେଶ୍ୱରୀ ସିଂହ ଉପସ୍ଥିତ ଥିଲେ। ସ୍ୱର୍ଗତା ସିଂହ ଗଞ୍ଜାମ କଳାପରିଷଦର ପୂର୍ବତନ ସଭାପତି ତଥା ବଡ଼ଗଡ଼ ରାଜପରିବାର କନିଷ୍ଠ ରାଜା କୃଷ୍ଣ ଚରଣ ସିଂହଙ୍କ ବଡଭାଉ। ବଡଖେମୁଣ୍ଡି, ଟେକିଲି, ସାନଖେମୁଣ୍ଡି, ତାଳଚେର ରାଜ ପରିବାରର ସମ୍ପର୍କୀୟମାନେ ତାଙ୍କ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ୱର୍ଗତା ସିଂ ଧର୍ମପରାୟଣା ମେଳାପୀ, ସମାଜସେବୀ ଥିଲେ।

## ଦ୍ୱିତୀୟ ଅଲ୍‌ଫା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୧୨।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆଙ୍କୁଶପୁର ଏସଏମଆଇଟି ଖେଳପଡିଆରେ ଜିଲାସ୍ତରୀୟ ଦ୍ୱିତୀୟ ଅଲଫା କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଘାଟିତ ହୋଇଛି। ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ ଦଳ ସାମିଲ ହୋଇଛନ୍ତି । ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ସଭାପତି ତଥା ଅଲଫା ସ୍ପୋର୍ଟିଂ କ୍ଲବ ସଭାପତି ଡ଼.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ଅକ୍ସଫୋର୍ଡ କ୍ଲବ ବନାମ ଖଲ୍ଲିକୋଟ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅକ୍ସଫୋର୍ଡ ଦଳ ବିଜୟୀ ହୋଇଛି।

## ଯୁବକଙ୍କୁ ଘରୁ ଡାକି ହତ୍ୟା ଘଟଣା, ୩ ଗିରଫ

### ମୃତକଙ୍କ ଆଧାର କାର୍ଡ, ମନିପର୍ସ , କାର ଜବତ

ବ୍ରହ୍ମପୁର,୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ୩ ଅଭିଯୁକ୍ତ ସହ ଜବତ କାର।

ଗଞ୍ଜାମ ଜିଲା ସଦର ଥାନା ଡେଙ୍ଗାପଦରରେ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀଙ୍କୁ ଗତ ସେପ୍ଟେମ୍ବର ୧୬ ତାରିଖ ରାତିରେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଦକ୍ଷିଣପୁର ଗ୍ରାମର ସନ୍ତୋଷ ଗୌଡ଼(୩୮)ଙ୍କୁ ଘଟଣାର ୨ ମାସ ପରେ ପୋଲିସ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳରୁ ଗିରଫ କରିଥିଲା। ତାଙ୍କ ସହ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ବଡବଜାର ଥାନା ପାଣିଗ୍ରାହୀ ପେଣ୍ଠର କାହ୍ନୁ ସେଠୀ(୨୯) ଓ ସୀତାରାମ ସାହିର ଅମିତ ଗୌଡ଼(୨୭)ଙ୍କୁ ବି ଗିରଫ କରାଯାଇଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସନ୍ତୋଷଙ୍କ ନାମରେ ସଦର ଥାନା, ବଡବଜାର, ଦିଗପହଣ୍ଡି, ମହିଳା, କେ.ନୂଆଗାଁ, ଜରଡ଼ା, ନବରଙ୍ଗପୁର ଥାନାରେ ୨୯ ଅପରାଧିକ ମାମଲା ରହିଥିବା ଜଣାପଡିଛି। ସେହିପରି କାହ୍ନୁ ସେଠୀ ନାମରେ ୯ ମାମଲା ରହିଛି। ସନ୍ତୋଷ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ବୋଲି ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ମୃତ ଶିବାଶିଷଙ୍କ ଆଧାର କାର୍ଡ, ମନିପର୍ସ ଓ ଏକ କାର ନଂ ଓ ୦୨ ସିୟୁ ୬୬୫୯ ଜବତ କରିଛି। ମାମଲା ନଂ ୨୯୬ /୨୪ରେ ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ପୋଲିସ ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସେପ୍ଟମ୍ବର ୧୬ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରେ କେତେକ ସାଙ୍ଗ ଶିବା ଘରକୁ ଆସି କୌଣସି କାମରେ ତାଙ୍କୁ ଡାକି ନେଇଥିଲେ। ସେ ଆଉ ଫେରିନଥିଲେ। ବୁଧବାର ସକାଳେ ଡେଙ୍ଗାପଦର ଗାଁ ନିକଟ ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବର ମିଳିଥିଲା। ରାମକୃଷ୍ଣ ଚୌଧୁରୀ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ପୁଅର ମୃତଦେହ ଚିହ୍ନଟ କରିଥିଲେ। ଡାକି ନେଇଥିବା ଯୁବକମାନେ ପୁଅକୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ।

## ଜିଲାରେ ବୁଲୁଛି ମହାବଳ, ଜନବସତି ମୁହାଁ ହୋଇନି

ବ୍ରହ୍ମପୁର,୧୨।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାରେ ମହାରାଷ୍ଟ୍ର ମହାବଳ ବାଘ ବୁଲୁଛି। ବ୍ରହ୍ମପୁର ବନ ଖଣ୍ଡ ପକ୍ଷରୁ ମହାବଳର ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି। ବାଘ ଏବେ ଜଙ୍ଗଲରେ ରହିଛ, ଜନବସତି ମୁହାଁ ହୋଇନାହିଁ ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖର ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମହାବଳ ବାଘ ମହାରାଷ୍ଟ୍ରରୁ ଆସିଛି। ତାହାର ଗତିବିଧି ନଜର ରଖିବାକୁ ୩ଟି ଟିମ ଗଠନ କରାଯାଇଛି। ବ୍ରହ୍ମପୁର, ସାମନ୍ତିଆପଲୀ ଓ ଦିଗପହଣ୍ଡି ରେଞ୍ଜରେ ଏହି ଟିମ ଜଗିଛନ୍ତି। ଟ୍ରାକିଂ ସଠିକ ଭାବେ କରାଯାଉଛି। ସୋସିଆଲ ମିଡିଆରେ ବାଘର ଉପସ୍ଥିତି ନେଇ ଭିନ୍ନ ଭିନ୍ନ ମିଛ ଭିଡିଓ ଭାଇରାଲ କରାଯାଉଛି। ଏହା ଆଇନଗତ ଦଣ୍ଡନୀୟ ଅପରାଧ। ଏଭଳି ମିଛ ଭିଡିଓ ଭାଇରାଲ ନ କରିବା ପାଇଁ ସେ କହିଛନ୍ତି। ସୋସିଆଲ ମିଡିଆରେ ମହାବଳ ବୁଲୁଥିବା ଓ ଲୋକଙ୍କୁ ଆକ୍ରମଣ କରୁଥିବା ମିଛ ଭିଡିଓ ଘୁରି ବୁଲୁଛି। ଏଥିପ୍ରତି ସଜାଗ ରହିବା ସହ କୌଣସି ଭିଡିଓ ଆସିଲେ ବନଖଣ୍ଡ ଅଧିକାରୀ ଓ ଏସିଏଫଙ୍କ ସହ ଆଲୋଚନା କରିପାରିବେ। ମହାବଳର ଗତିବିଧି ଘୋଡାହାଡ ଅଞ୍ଚଳରେ ରହିଛି। ୨୪ ଘଣ୍ଟିଆ ଟ୍ରାକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ମହାବଳ ପଶୁ ଶୀକାର କରିଥିବା ନେଇ ୬ଟି ମାମଲା ଆସିଛି। କ୍ଷୟକ୍ଷତି ବାବଦକୁ ସେମାନଙ୍କୁ ୫୮ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଖଞ୍ଜାଯାଇଛି। କୌଣସି ମିଛ ଭିଡିଓ ଓ ଫଟୋକୁ ନେଇ ଲୋକଙ୍କୁ ଭୟଭୀତ ନ କରିବା ପାଇଁ ବନଖଣ୍ଡ ଅଧିକାରୀ ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସିଏଫ ଡା ରୁଦ୍ର ପ୍ରସାଦ ରଥ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଆଜି

ବ୍ରହ୍ମପୁର, ୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ଧମାଳ ଜିଲା ବାଲିଗୁଡା ଥାନାଞ୍ଚଳର ଜଣେ ବ୍ୟବସାୟୀଙ୍କୁ ୨୦୧୯ରେ ହତ୍ୟା କରାଯାଇଥିଲା । ଉକ୍ତ ମାମଲାଟି ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଜିଲା କୋର୍ଟରେ ବିଚାରାଧୀନ ରହିଛି । ଏହି ମାମଲାରେ ବାଲିଗୁଡା ପୋଲିସ ପୂର୍ବରୁ ବ୍ୟାବାସାୟୀଙ୍କୁ ଗୁଳିକରି ହତ୍ୟା କରିଥିବା ସୁଟର ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ପୋଲିସ ଉକ୍ତ ଅଭିଯୁକ୍ତ ମାନଙ୍କୁ ଦୋଷୀ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା । କୋର୍ଟରେ ଉଭୟ ପକ୍ଷଙ୍କ ଓକିଲ ମଧ୍ୟରେ ଉକ୍ତ ମାମଲାର ଜବାବସୁଆଲ ସରିଛି। ବୁଧବାର ଉକ୍ତ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିବା ପବ୍ଲିକ ପ୍ରସିକ୍ୟୁଟର (ପିପି) ତ୍ରିଲୋଚନ ପରିଡା କହିଛନ୍ତି। ବାଲିଗୁଡାର ବ୍ୟବସାୟୀ ଅଭିମନ୍ୟୁ ପଣ୍ଡା (୩୪)ଙ୍କୁ ୨୦୧୯ ଡିସେମ୍ବର ୧୦ ତାରିଖରେ ହତ୍ୟା କରାଯାଇଥିଲା । ଏନେଇ ତାଙ୍କ ଭାଇ ନିର୍ମଳ ସାହୁ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରିଥିଲା । ପରେ ହତ୍ୟାକାରୀ ଗୋଲକ ଓରଫ ରାମନାରୟଣ ନାହାକ (୨୦) ଓ ତାଙ୍କର ସହଯୋଗୀ କାହ୍ନୁ ଚରଣ ସାହୁ (୨୨)ଙ୍କୁ ଡିସେମ୍ବର ୨୮ରେ ଗିରଫ କରିଥିଲା । ୨୯ ତାରିଖରେ ଉକ୍ତ ହତ୍ୟାକାଣ୍ଡର ଷଡ଼ଯନ୍ତ୍ରକାରୀ ଭାବେ କେ.ବିଶ୍ୱଜିତ ପାତ୍ର(୪୨), ଏସ .ବାଲାଜୀ ଆଚାରୀ(୨୯), ରାସବିହାରୀ ଦାସ(୩୯) ଓ ବାବୁଲା ମୁନୀ (୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ପରିବହନ ବିଭାଗର ଗାଡ଼ି ଯାଞ୍ଚ

ବ୍ରହ୍ମପୁର,୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲା ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ରାସ୍ତାରେ ଗାଡି ଯାଞ୍ଚ କରାଯାଇଛି। ବିଶେଷ କରି ନାବାଳିକା ନାବାଳକ ଗାଡି ଚଳାଉଥିବାବେଳେ ସେମାନଙ୍କୁ ଧରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ସଡକ ପରିବହନ ଅଧିକାରୀ କେ.ଭେଙ୍କେଟେଶଙ୍କୁ ପଚାରିବାରୁ ସେ କହିଲେ ଯେ, ନାବାଳିକା ନାବାଳକମାନେ ସେମାନଙ୍କ ଅଭିଭାବକଙ୍କ ଗାଡି ଧରି ଆସୁଛନ୍ତି। ଅଧିକାଂଶଙ୍କ ପାଖରେ ଲାଇସେନ୍ସ ରହୁନି। ସେମାନେ ଗାଡି ଚଳାଇବାରେ ଅଭିଜ୍ଞ ନଥିବାରୁ ଦୁର୍ଘଟଣା ଘଟୁଛି। ପର୍ଯ୍ୟାୟକ୍ରମେ ୩ଜଣ ବସି ଯାଉଥିବା, ମଦ୍ୟପାନ କରି ଗାଡି ଚଳାଉଥିବା ଓ ହେଲମେଟ ପିନ୍ଧିନଥିବା ଗାଡି ଚାଳକମାନଙ୍କୁ ଧରାଯାଉଛି। ସେମାନଙ୍କୁ ଜରିମାନା ପକାଯାଉଛି। ଆବଶ୍ୟକ ପଡିଲେ ନାବାଳିକା ନାବାଳକମାନଙ୍କ ଅଭିଭାବକଙ୍କୁ ଡାକି ସଚେତନ କରାଯାଉଛି ବୋଲି ଅତିରିକ୍ତ ସଡକ ପରିବହନ ଅଧିକାରୀ କହିଛନ୍ତି। ଏହି ଚଢ଼ାଉରେ ପରିବହନ ବିଭାଗର ଏମଭିଆଇ ଆର.କେ.ନାହାକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ରେଞ୍ଜସ୍ତରୀୟ ପୋଲିସ ଅଧିକାରୀଙ୍କ ଅଦଳବଦଳ

ବ୍ରହ୍ମପୁର,୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ):

ଦକ୍ଷିଣାଞ୍ଚଳ ରେଞ୍ଜର ବିଭିନ୍ନ ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ରେବତୀ ଶବରଙ୍କ ଗଞ୍ଜାମ ପୋଲିସ ଜିଲାକୁ ବଦଳି ହୋଇଥିବା ବେଳେ ଗଞ୍ଜାମରୁ ପଦ୍ମ ଚରଣ ଭଞ୍ଜଙ୍କୁ ବ୍ରହ୍ମପୁର ବଦଳି ହୋଇଛି। ଗଜପତି ଜିଲାରେ ଇନ୍ସପେକ୍ଟର ଥିବା ସବ୍ୟସାଚୀ ମଲ୍ଲଙ୍କୁ ଗଞ୍ଜାମ ଜିଲାକୁ ବଦଳି ହୋଇଛି। କନ୍ଧମାଳ ଜିଲାରେ ଥିବା ଇନ୍ସପେକ୍ଟର ବଧୁଲିକା ବିଶ୍ୱାଳଙ୍କୁ ଗଞ୍ଜାମ ଜିଲାକୁ ବଦଳି ହୋଇଛି। ଗଞ୍ଜାମ ପୋଲିସ ଜିଲାରେ ଇନ୍ସପେକ୍ଟର ଥିବା ଅଶ୍ୱିନୀ ଭିତିରିଆଙ୍କୁ ଗଜପତିକୁ ବଦଳି ହୋଇଛି। ଗଞ୍ଜାମ ପୋଲିସ ଜିଲାରୁ ଇନ୍ସପେକ୍ଟର ସତୀଶ ଚନ୍ଦ୍ର ନାଇକ, ମଞ୍ଜରୀ ନାୟକ ଓ ଅଶୋକ କୁମାର ହଂସଦାଙ୍କୁ କନ୍ଧମାଳକୁ ବଦଳି ହୋଇଛି। ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ରେଞ୍ଜ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ବୈଠକର ଅନୁମୋଦନ ପରେ ଡା.ସାର୍ଥକ ଷଡଙ୍ଗୀଙ୍କ ପକ୍ଷରୁ ବଦଳି ଆଦେଶ ପ୍ରକାଶ ପାଇଛି ।

## ଆଇନଜୀବୀଙ୍କୁ ଏସିଡ୍ ମାଡର ନିନ୍ଦା କଲା ଗଞ୍ଜାମ ଓକିଲ ସଂଘ

ବ୍ରହ୍ମପୁର , ୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପି.ରାମା ରାଓଙ୍କୁ ଏସିଡ ମାଡ ଘଟଣାକୁ ଗଞ୍ଜାମ ଓକିଲ ସଂଘ ଦୃଢ଼ ନିନ୍ଦା କରିଛି। ଆଇନଜୀବୀ ମାନଙ୍କ ଜୀବନର ସୁରକ୍ଷା ଏବେ ବିପଦପୂର୍ଣ୍ଣ ହୋଇଛି। ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରିବା ସହ ଆହତ ଆଇନଜୀବୀ ଓ ତାଙ୍କ ପରିବାର ର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସଂଘ ଦାବି କରିଛି। ବୈଠକରେ ସଂଘ ସଭାପତି ନୟନ ମହାପାତ୍ର, ଉପ ସଭାପତି ରାମପ୍ରସାଦ ପଣ୍ଡା , ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଓ ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡଧାରୀ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କଲେ କୁଳପତି


ଡ. ହୃଷୀକେଶ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୧୨।୧୧
(ସ୍ୱାଧୀନ ଶେଖର ପାଢ଼ୀ )

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିବା ମଞ୍ଚ ଉପସ୍ଥାପକ ଦମ୍ପତି ହୃଷୀକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ଉକ୍ତ ଦମ୍ପତି ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଭାରତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ବିଶିଷ୍ଟ ସାଂସ୍କୃତିକ କାର୍ଯ୍ୟକ୍ରମର ଉପସ୍ଥାପକ ରହି ଖ୍ୟାତି ଅର୍ଜନ କରିଥିବାରୁ ଇଣ୍ଡିଆ ବୁକ ଅଫ ରେକର୍ଡସ ଦ୍ୱାରା ପ୍ରମାଣଭୁକ୍ତ ହୋଇଛି। ମଞ୍ଚ ଉପସ୍ଥାପନା କଳା ନିମନ୍ତେ ପ୍ରମାଣ ପତ୍ର ପାଇବାରେ ଏହି ଦମ୍ପତି ହେଉଛନ୍ତି ପ୍ରଥମ ଭାରତୀୟ। ଏହି ଅବସରରେ କୁଳପତି ପ୍ରଫେସର ଦାଶ କହିଛନ୍ତି ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା କମ ଗୌରବର କଥା ନୁହେଁ। ସେ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର। ତେଣୁ ଏହା ବିଶ୍ୱବିଦ୍ୟାଳୟ ପାଇଁ ଗୌରବର ବିଷୟ। ହୃଷୀକେଶ ପାଣିଗ୍ରାହୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗରେ ପ୍ରଥମ ସ୍ୱର୍ଣ୍ଣ ପଦକ ପାଇ ଭାରତୀୟ ପ୍ରସାରଣ ସେବାର ଅଧିକାରୀ ହିସାବରେ କାମ କରିବା ସହ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କ ଧର୍ମପତ୍ନୀ ସୁଦୀପ୍ତା ମନସ୍ତତ୍ତ୍ୱରେ ବ୍ରହ୍ମପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲଗାତାର ସ୍ୱର୍ଣ୍ଣପଦକ ପାଇ ଓଡ଼ିଶା ସରକାରଙ୍କ ପ୍ରିଜନ ଏକାଡେମୀର ଉପନିର୍ଦ୍ଦେଶିକା ଥିବା ଅବସରରେ ଅନେକ ଜାତୀୟ ପୁରସ୍କାର ପାଇଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ମୁଖ୍ୟ ଡ. ବନ୍ଦିତା କୁମାରୀ ପଣ୍ଡା, ପ୍ରଫେସର ଗଣେଶ ସେଠି, ଡ ଜୟନ୍ତ କୁମାର ପଣ୍ଡା, ଡ ଚିନୁ ବହିଦାର, ଡ ଅଗ୍ନୀ ବେହେରା, ସୌରଭ ସେଠ ଏବଂ ଡ.ମିହିର କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଡିସିଙ୍କ ଅଫିସ ଆଗରେ ସିପିଆଇ(ଏମ୍)ର ବିକ୍ଷୋଭ



ବ୍ରହ୍ମପୁର,୧୨।୧୧(ନରସିଂହ ସାହୁ)

ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଅଫିସ ଆଗରେ ମଙ୍ଗଳବାର ସିପିଆଇ(ଏମ) ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କନ୍ଧମାଳ ଜିଲା ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇ ୨ ଜଣଙ୍କ ଅକାଳ ମୃତ୍ୟୁ ଓ ୬ ଜଣ ଗୁରୁତର ଅସୁସ୍ଥ ହେବା ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରି ସିପିଆଇ(ଏମ) ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ଏବଂ ସମସ୍ତ ଗୁରୁତରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ଏଥିସହ ଆଦିବାସୀ ଅଧ୍ୟୁଷିତ ଜିଲା ଗୁଡ଼ିକରେ ନିୟମିତ ରାଶନ ସାମଗ୍ରୀ ଯୋଗାଇବାକୁ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଆଦିବାସୀଙ୍କୁ ମୁଣ୍ଡ ପିଛା ୧୦ କେଜି ଚାଉଳ ଓ ୨୦୦ ଦିନର କାମ ଯୋଗାଇ ଦିଆଯାଉ, ମାଣ୍ଡିପଙ୍କା ଅଞ୍ଚଳରେ ଡ଼ାକ୍ତରଖାନା ପ୍ରତିଷ୍ଠା ଏବଂ ରାସ୍ତାଘାଟର ଉନ୍ନତି, ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅଳି ପଟ୍ଟନାୟକ ଦାବି କରିଥିଲେ। ଦାବି ସମ୍ବଳିତ ସ୍ମାରକପତ୍ର ଆରଡିସିଙ୍କୁ ଦିଆଯାଇଥିଲା। ବିକ୍ଷୋଭ ସମାବେଶରେ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ବରିଷ୍ଠ ନେତା କୈଳାସ ଷଡ଼ଙ୍ଗୀ, ହରିକୃଷ୍ଣ ରେଡ଼ି ପ୍ରମୁଖ ଉଦବୋଧନ ଦେଇଥିଲେ।

## ନିର୍ମାଣାଧୀନ ଘରୁ ଚୋରି ଘଟଣା, ୩ କୋର୍ଟ ଚାଲାଣ

ଗୋପାଳପୁର,୧୨।୧୧
(ନବୀନ ରାଜ ଆଚାରୀ)

ନିର୍ମାଣାଧୀନ କୋଠାରୁ ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିବା ଅଭିଯୋଗରେ ମଙ୍ଗଳବାର ଗୋଳନ୍ଥରା ଥାନା ପୋଲିସ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଫୁଲଟା ଗ୍ରାମର ରବି ଦାସ, ପାଟପୁର ଗ୍ରାମର ଜଗନ୍ନାଥ ବାଡ଼ତ୍ୟା ଓ କନିସି ଗାଁର ବେନୁ ଗୋପାଳ। ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ଅଟୋ, ୫୯ ପ୍ୟକେଟ ଟାଇଲସ, ଦୁଇଟି କଟର ମେଶିନ, ୩ଟି ଡ୍ରିଲ ମେଶିନ, ୩ଟି ମୋବାଇଲ ଫୋନ, ଗୋଟିଏ ସ୍କୁଟି ଆଦି ଜବତ ହୋଇଛି। କନିସି ହାଟ ଗୁଣ୍ଡିଚା ନଗରରେ ରାମଚନ୍ଦ୍ର ସେଠୀଙ୍କ ଘର ନିର୍ମାଣ ପାଇଁ ସନ୍ତୋଷ କୁମାର ଦଳେଇ ଠିକା ନେଇ କାମ କରୁଥିଲେ। ଗତ ୮ ତାରିଖରେ ମାର୍ବଲ ଟାଇଲ ଓ କାଠ କବାଟ ନିର୍ମାଣ ପାଇଁ ନିର୍ମାଣ ସାମଗ୍ରୀ ଏକ ଡାଲା ଅଟୋରେ ନେଇ ରାମଚନ୍ଦ୍ରଙ୍କ ନିର୍ମାଣଧିନ ଘରେ ରଖିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରି ଚମ୍ପଟ ମାରିଥିଲେ।

## ଡିପୋରେ ଖତ ଖାଉଛି ଗଞ୍ଜାମ ଦର୍ଶନ ବସ୍

ବ୍ରହ୍ମପୁର,୧୨।୧୧(ସ୍ମୃତି ରଞ୍ଜନ ମହାଲିକ)



ସିଟି ବସ ଡିପୋରେ ପଡି ରହିଥିବା ଗଞ୍ଜାମ ଦର୍ଶନ ବସ।

ଜିଲାର ପର୍ଯ୍ୟଟନ କ୍ଷେତ୍ର ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଦର୍ଶନ ବସ୍ ପଡିଥିଲା। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡିଏ) ଏହାର ଦାୟିତ୍ୱ ନେଇଥିଲା। ଅତ୍ୟଧିକ ଦର ଯୋଗୁ ପର୍ଯ୍ୟଟକ ଏହି ବସ ପ୍ରତି ମୁହଁ ମୋଡୁଛନ୍ତି। ଫଳରେ ହଳଦିଆପଦର ସିଟି ବସ୍ ଡିପୋରେ ଏହା ଖତ ଖାଉଛି। ଉଦଘାଟନର କିଛି ଦିନ ଏହା ଚାଲିବା ପରେ ଏହିପଦକ୍ଷେପ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଏହାକୁ ପୁନଃ ବ୍ୟବହାର କ୍ଷେତ୍ରରେ ମଧ୍ୟ ବିଇଡିଏ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୨୨ ଡିସେମ୍ବର ୧୨ ତାରିଖରେ ପୂର୍ବତନ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଞ୍ଜାମ ଦର୍ଶନ ବସ୍‌ର ଶୁଭାରମ୍ଭ ହୋଇଥିଲା। ଲକ୍ଷ୍ୟ ଥିଲା ପର୍ଯ୍ୟଟକଙ୍କୁ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲାଇବା। ଭ୍ରମଣ ସମୟରେ ଜଳଖିଆ ଓ ମଧ୍ୟାହ୍ନ ଭୋଜନର ବି ଏଥିରେ ସୁବିଧା ଥିଲା। ପ୍ରଥମେ ସହରର ରାମଲିଙ୍ଗେଶ୍ୱର ପାର୍କ ସମ୍ମୁଖରୁ ଶ୍ରଦ୍ଧା ସଞ୍ଜିବନୀ ଆଶ୍ରମର ଅନ୍ତେବାସୀଙ୍କୁ ନେଇ ଯାତ୍ରା ଆରମ୍ଭ ହୋଇଥିଲା। ସକାଳ ୭ଟାରେ ରାମଲିଙ୍ଗେଶ୍ୱରଠାରୁ ବସ୍ ଛାଡିବା ପରେ ମା' ତାରାତାରିଣୀଙ୍କ ପୀଠକୁ ଯାଇ ପୁରୁଷୋତ୍ତମପୁର ସ୍ଥିତ ଡାକ ବଙ୍ଗଳାରେ ସକାଳ ଜଳଖିଆ ବ୍ୟବସ୍ଥା କରାଯାଇଥିଲା। ପରେ ଜଉଗଡ, ନିର୍ମଳଝର ହୋଇ ବଟେଶ୍ୱରରେ ପହଂଚିବା ପରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ପୁଣି ଥରେ ପୋତାଗଡ ଓ ତାମ୍ପରା ହୋଇ ଗୋପାଳପୁରରେ ବସଟି ପହଂଚୁଥିଲା। ଗୋପାଳପୁରରେ ସନ୍ଧ୍ୟା ଜଳଖିଆ ଦିଆଯାଉଥିଲା। ସେଠାରୁ ସନ୍ଧ୍ୟା ୬ଟା ୪୫ରେ ରାମଲିଙ୍ଗେଶ୍ୱର ପାର୍କରେ ବସଟି ପହଂଚୁଥିଲା। ଏଭଳି ୧୬୫କିମି ଯାତ୍ରା ପାଇଁ ୯୫୦ ଟଙ୍କା ସ୍ଥିର କରାଯାଇଥିଲା। ଦରବୃଦ୍ଧି ଯୋଗୁ ପର୍ଯ୍ୟଟକ ମୁହଁ ମୋଡିବାରୁ ଜିଲାର ଆଉ କିଛି ପର୍ଯ୍ୟଟନସ୍ଥଳକୁ ଯୋଡ଼ା ଯାଇଥିଲା। ସେଥିରେ ଥିଲା ବୁଗୁଡା ବିରଞ୍ଚି ନାରାୟଣ, ବୁଦ୍ଧଖୋଲ, ମରଦା, ଶରଣ ଶ୍ରୀକ୍ଷେତ୍ର, ସିଂହାସିନୀ, ତପ୍ତପାଣି, ଉଜ୍ୱଳେଶ୍ୱର, ଘୋଡାହାଡ ଡ୍ୟାମ, ମହୁରୀକାଳୁଆ, ମା' ବାଳ କୁମାରୀ ଓ ପାତି ସୁନାପୁର ଭଳି ଅଂଚଳ ଥିଲା। ତଥାପି ସଫଳ ହେଲା ନାହିଁ। ବର୍ତ୍ତମାନ ବସ୍‌ଟି ଡିପୋରେ ଖତ ଖାଉଛି। ଅନ୍ୟପଟେ ତାରାତାରିଣୀ ମନ୍ଦିର ପାହାଡ଼ ତଳୁ ଉପରକୁ ଯିବା ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ୪ଟି ବସ୍ ସେବା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ମଧ୍ୟ ଡିପୋରେ ଖତ ଖାଉଛି। ଏ ନେଇ ବିଇଡିଏ ସଚିବ ରମେଶ ହାଂସଦାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବସ୍‌ର ପୁନଃ ଚଳାଚଳ ଯୋଜନା ରହିଛି। ଏହାର ଟେଣ୍ଡର କରାଯିବ। ଆଗାମୀ ଦିନରେ ଏହାର ସଫଳତା ଲୋକଙ୍କୁ ମିଳିବ ବୋଲି ସେ କହିଛନ୍ତି।

# ଜିଲ୍ଲା ଦୌରାଜଜ୍ କୋର୍ଟ ସମ୍ମୁଖରେ ଓକିଲଙ୍କ ଆନ୍ଦୋଳନ

ପାରଳାଖେମୁଣ୍ଡି,୧୨।୧୧
(ଗିରିଧାରୀ ପରିଛା)

ଓକିଲଙ୍କୁ ଏସିଡ ମାଡ଼ ଘଟଣାରେ ଗଜପତି ଜିଲା ପାରଳାଖେମୁଣ୍ଡି ଓକିଲ ସଂଘ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛି। ଅପରାଧୀଙ୍କୁ ଶୀଘ୍ର ଗିରଫ କରିବା ଓ ଓକିଲଙ୍କ ସୁରକ୍ଷା ଆଇନକୁ କଡାକଡି ଲାଗୁ କରିବା ଦାବି କରି ଜିଲା ଦୌରାଜଜ୍ କୋର୍ଟର ମୁଖ୍ୟ ଫାଟକରେ ତାଲା ପକାଇ ଓକିଲମାନେ ଆନ୍ଦୋଳନ କରିଥିଲେ। ପାରଳାଖେମୁଣ୍ଡି ବାରର ବରିଷ୍ଠ ଓକିଲ ପି. ରାମା ରାଓଙ୍କ ଉପରେ ଏସିଡ ମାଡ଼ ଘଟଣାକୁ ୭୨ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ଓକିଲ ସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ



ଓଡିଶା ବାର୍ କାଉନସିଲ ଓ ସର୍ବଭାରତୀୟ ବାର୍ କାଉନସିଲକୁ ଆନ୍ଦୋଳନରେ ସହଯୋଗ ପାଇଁ ପାରଳାଖେମୁଣ୍ଡି ସଂଘ ନିବେଦନ କରିଥିଲା। ଏଥିରେ ସହମତ ଜଣାଇ ସର୍ବଭାରତୀୟ ବାର୍ କାଉନସିଲ ପକ୍ଷରୁ ୫ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପାରଳାଖେମୁଣ୍ଡି ଆସିବା କାର୍ଯ୍ୟକ୍ରମ ରହିଛି। ସେହିପରି ଓଡ଼ିଶାର ଅନ୍ୟ ଜିଲାର ଓକିଲସଂଘ ଏହି ଆନ୍ଦୋଳନକୁ ସେମାନଙ୍କ ସହମତି ଜଣାଇଛନ୍ତି। ମଧାହ୍ନରେ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ରାଜ୍ୟସ୍ତରୀୟ ବାର୍ କାଉନସିଲର ୨ସଭ୍ୟ ସଞ୍ଜିତ ପାଣିଗ୍ରାହୀ ଓ ପି. ରମେଶ ଆସି ଏଠାକାର ବାର୍ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ଚିକିତ୍ସାଧୀନ ଓକିଲଙ୍କୁ କ୍ଷତିପୂରଣ ସହ ଚିକିତ୍ସା ଖର୍ଚ୍ଚ ସମ୍ପର୍କରେ ଆଲୋଚନା

**ଓକିଲଙ୍କୁ ଏସିଡ ମାଡ଼ ଘଟଣା**

କରାଯାଇଥିଲା। ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ସମ୍ପର୍କରେ ବୁଧବାର ବାର୍‌ର ଆଡ଼ଭାଇଜର କମିଟି ନିଷ୍ପତ୍ତି ନେବ। ଆନ୍ଦୋଳନରେ ସଭାପତି ସ୍ୱରୂପ ପାଲ, ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର, ସମ୍ପାଦକ ପୃଥ୍ୱିରାଜ, ଆର. କେ. ନାୟକ, ଭିଏସ୍ଏନ୍. ରାଜୁ, ହୀରାଚାନ୍ଦ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଶନିବାର ପି. ରାମା ରାଓଙ୍କ ଉପରକୁ ୨ ଯୁବକ ଏସିଡ ଛାଟି ବାଇକ୍‌ରେ ଫେରାର ହୋଇଯାଇଥିଲେ।

### ମାଣ୍ଡିପଙ୍କା ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା

## ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆରମ୍ଭ

ଫୁଲବାଣୀ, ୧୨।୧୧
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ହେବା ଘଟଣାର ଆରଡିସି ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହି କ୍ରମରେ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ଆରଡିସି (ରାଜସ୍ୱ କମିଶନର)ରୁପା ରୋଶନ ସାହୁ ଫୁଲବାଣୀ ସର୍କିଟ ହାଉସରେ ପହଞ୍ଚି ବିଭିନ୍ନ ଅଧିକାରୀ, ଜନ ପ୍ରତିନିଧି ଏବଂ ମାଣ୍ଡିପଙ୍କା ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଯୋଗାଣ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଡକାଇ ଆରଡିସି ସାହୁ ଆଲୋଚନା କରିଛନ୍ତି। ଏଥିସହ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ମଧ୍ୟ ପଚାରି ବୁଝିଛନ୍ତି। ମାଣ୍ଡିପଙ୍କାର କିଛି ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର ଉପସ୍ଥିତ ରହି ନିଜ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଜାଉ ଖାଇ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୬ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ସୁସ୍ଥ ହୋଇ ଗାଁକୁ ଫେରିଥିବା ବେଳେ ଏବେ ଜଣେ ବ୍ରହ୍ମପୁର ଏମକେସିଜି ଏବଂ ଅନ୍ୟ ଦୁଇ ଜଣ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

**ସଂକ୍ଷେପରେ**

### ନୂତନ ତହସିଲଦାରଙ୍କ ଯୋଗଦାନ

ଆସିକା,୧୨।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ତହସିଲରେ ମଙ୍ଗଳବାର ତହସିଲଦାର ଭାବେ ସଙ୍ଗୀତା ସେନ ଯୋଗ ଦେଇଛନ୍ତି । ସେ ଏହା ପୂର୍ବରୁ କୋରାପୁଟ ଜିଲା ନାରାୟଣପାଟଣା ତହସିଲରେ କାର୍ଯ୍ୟରତ ଥିଲେ । ଆସିକା ତହସିଲ କର୍ମଚାରୀଙ୍କ ପକ୍ଷରୁ ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜସ୍ୱ ସୁପରଭାଇଜର ବିଶ୍ୱନାଥ ଲେଙ୍କା, ସୁନିଲ ମହାରଣା, ସେକ୍ସନ ଅଫିସର କିରଣ ପାଢୀ, ଜ୍ଞାନଚାନ୍ଦ ମହାନ୍ତି, ତୋଫାନ ଗୌଡ, କୃଷ୍ଣଚନ୍ଦ୍ର ଡାକୁଆ, ସୁନିତାରାଣୀ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ କର୍ମଚାରୀମାନେ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ।

### ଜମିକୁ ପାଣି ଦେବାକୁ ତହସିଲଦାରଙ୍କୁ ଦାବିପତ୍ର

ପାତ୍ରପୁର, ୧୨।୧୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଗ୍ରାମର ଚାଷୀମାନେ ମଙ୍ଗଳବାର ଧାନ ଜମିକୁ ପାଣି ପାଇଁ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୀର୍ଘଦିନ ହେଲା ଅଞ୍ଚଳରେ ବର୍ଷା ନ ଥିବା ବେଳେ ବର୍ତ୍ତମାନ ଧାନ ଫସଲରେ କେଣ୍ଡା ବାହାରୁଛି। ଏପରି ସ୍ଥିତିରେ ଫସଲକୁ ପ୍ରଚୁର ପାଣିର ଆବଶ୍ୟକତା ରହିଛି। ବାହୁଦା ନଦୀରୁ ଆସୁଥିବା କେନାଲ ପାଣିକୁ ଉପର ମୁଣ୍ଡରେ ଥିବା ଚାଷୀ ତଳ ମୁଣ୍ଡରେ ଥିବା ଜମିକୁ ଛାଡୁ ନାହାନ୍ତି। ତୁରନ୍ତ ଆମ ଜମିକୁ ପାଣି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଥିଲେ। ପାଣି ପଞ୍ଚାୟତ ସଭାପତି ଏନ.ସଦାନନ୍ଦ ରାଓ, ଗ୍ରାମ୍ୟ କମିଟି ସଭାପତି କେ. ସାରଥୀଙ୍କ ସମେତ ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଗାୟତ୍ରୀ ଶକ୍ତିପୀଠ ପ୍ରତିଷ୍ଠା ଉତ୍ସବରେ କବିତା ଆସର

ରମ୍ଭା,୧୨।୧୧(ବନବାସୀ ସେଠୀ)

ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ରମ୍ଭାସ୍ଥିତ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନରେ ୪୦ତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଛି। ଏହି ଅବସରରେ ଜିଲାସ୍ତରୀୟ କବି ସମ୍ମିଳନୀ, କବିତା ଆସର ପ୍ରଥମ ଦିବସରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କବିତା ଆସରରେ ମୁଖ୍ୟଅତିଥି ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, ସମ୍ମାନିତ ଅତିଥି ଲଙ୍ଗଳେଶ୍ୱରସ୍ଥିତ ପାଠାଗାରର ନିର୍ଦ୍ଦେଶକ ପ୍ରହ୍ଲାଦ ବେହେରା, ବରିଷ୍ଠ କବି ସୌଭାଗ୍ୟ ମିଶ୍ର, ମୁଖ୍ୟବକ୍ତା ସାହିତ୍ୟିକ ଭାଗୀରଥି ବେହେରା ଯୋଗଦେଇ ଓଡ଼ିଆ ସାହିତ୍ୟର ସାଂପ୍ରତିକ ପିଢ଼ି ଉପରେ ଆଲୋକପାତ କରିଥିଲେ। କବିତା ଆସରରେ କବି ଗଣେଶ ଚନ୍ଦ୍ର ବେହେରା, ମମତା ସୁଆର, ଗୋବିନ୍ଦ ଜେନା, ଅଭିମନ୍ୟୁ ପରିଡ଼ା, ଲଳିତ ସ୍ୱାଇଁ, ସରୋଜବାଳା ପଟ୍ଟନାୟକ, ପ୍ରଭାତ ମିଶ୍ର, ବ୍ରଜବନ୍ଧୁ ବେହେରା, ଚନ୍ଦନ ବେହେରା ଓ ଅନ୍ୟମାନେ କବିତା ପାଠ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ପ୍ରଧାନ ଓ ନିଳକଣ୍ଠ ଦାଶ ସଂଯୋଜନା କରିଥିଲେ। ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିବସରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

### ପୂର୍ବ ସରକାରରେ କାଗଜକଲମରେ କୃଷିର ବିକାଶ ହେଉଥିଲା: ମନ୍ତ୍ରୀ

ଭଞ୍ଜନଗର,୧୨।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡ଼ିଆରେ ମଙ୍ଗଳବାର ଭଞ୍ଜନଗର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ଏହାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ ସଭାରେ କହିଥିଲେ, କୃଷି କ୍ଷେତ୍ରରେ ଆମେ ଅନ୍ୟ ରାଜ୍ୟ ତୁଳନାରେ ବହୁତ ପଛୁଆ ଅଛୁ। ଅନ୍ୟ ରାଜ୍ୟରେ କୃଷି କ୍ଷେତ୍ରରେ ବଳଦ କାମ ଯନ୍ତ୍ର କରୁଥିବା ବେଳେ ଆମ ରାଜ୍ୟରେ ବଳଦ କାମ ମଣିଷ କରୁଛି। ପୂର୍ବ ସରକାର ଚାଷୀଙ୍କ ଉନ୍ନତି ପାଇଁ କରିଥିବା ଯୋଜନାଗୁଡିକ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିପାରୁ ନ ଥିଲା। କାଗଜ କଲମରେ କୃଷିର ବିକାଶ ହେଉଥିଲା। ଆଗାମୀ ଦିନରେ ରାଜ୍ୟରେ କୃଷି କ୍ଷେତ୍ରରେ ଉନ୍ନତି ପାଇଁ ଡବଲ ଇଞ୍ଜିନ ସରକାର ବର୍ତ୍ତମାନ କାମ



କରୁଛି। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରାଯାଉଛି। କୃଷି ଯନ୍ତ୍ରପାତି କିଣିବା ପାଇଁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାଡ କରାଯାଉଛି ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ। ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଭଞ୍ଜନଗର ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଗଞ୍ଜାମ ଜିଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଭଞ୍ଜନଗର କୃଷି ଜିଲା ଅଧିକାରୀ ବ୍ୟୋମକେଶ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଚୌଧୁରୀ ଦେବବ୍ରତ ଦାସ, ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬ ଜଣ ଚାଷୀଙ୍କୁ ରିହାତି ଦରରେ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା ।

### ଜଗନ୍ନାଥପ୍ରସାଦରେ ଯୁଗ୍ମ ଅଭିଯୋଗ ଶୁଣାଣି

ଜଗନ୍ନାଥପ୍ରସାଦ,୧୨।୧୧
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ପରିସରରେ ମଙ୍ଗଳବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭ଟି ସାମୂହିକ ଓ ୧୩୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅତିରିକ୍ତ ଜିଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଶିବିରରେ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଅଭିଷେକ ସାହୁ, ଅତିରିକ୍ତ ଏସପି ରଞ୍ଜିତ କୁମାର୍ ପୃଷ୍ଟି, ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଜଗନ୍ନାଥପ୍ରସାଦ ବିଡ଼ିଓ ମନ୍ମଥ ନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଡିଏସଡବ୍ଲୁ ପଦ୍ମିନୀ ସାହୁ, ଥାନାଧିକାରୀ ଅରୁଣ କୁମାର୍ ସିଂ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ସେକ୍ସନ ଅଧିକାରୀ ରାମକୃଷ୍ଣ ମହାନ୍ତି, ଜିଡିପିଓ ମାଥୁରାମ ନାୟକ, ଯୋଗାଣ ଅଧିକାରୀ ନିଖିଳ ପ୍ରଧାନ, ସିଡିପିଓ ଭି.ମଣିମାଳା, ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର



ଧରାକୋଟ,୧୨।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ମଛାକୋଟ ପଞ୍ଚାୟତ ଅଭୟପୁର ଗ୍ରାମବାସୀ ଗାଁକୁ ପକ୍କା ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧରାକୋଟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ମଙ୍ଗଳବାର ଗ୍ରାମବାସୀ ବ୍ଲକ ସମ୍ମୁଖରେ ରୁଣ୍ଡ ହୋଇ ଗାଁ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଉକ୍ତ ରାସ୍ତା ଉପରେ ୫ଟି ଗାଁର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଦୈନନ୍ଦିନ ଯାତାୟାତ କରୁଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ରାଜରାସ୍ତାରେ ଅନଶନ କରିବାକୁ ଅଭୟପୁରବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଡ଼ିଓ ଡେନିସ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତ ରାସ୍ତାକୁ ପୂର୍ବରୁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। କୌଣସି ଅନିବାର୍ଯ୍ୟ କାରଣବଶତଃ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇ ପାରିନାହିଁ। ଏ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ପକ୍କା ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଗ୍ରାମରେ ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ଯୁବକଙ୍କୁ ବିରୋଧ

## ଗଞ୍ଜାମ ଏସ୍‌ପିଙ୍କୁ ଭେଟିଲେ ଯୁବଗୋଷ୍ଠୀ

ଛତ୍ରପୁର,୧୨।୧୧(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ କଣ୍ଟାପଡା ଗ୍ରାମର ଜଣେ ବ୍ୟକ୍ତି ଗ୍ରାମରେ ବହୁ ଦିନ ଧରି ଅଶାନ୍ତିକର ବାତାବରଣ ସୃଷ୍ଟି କରି ଆସୁଛନ୍ତି। ଗ୍ରାମରେ ଚୋରା ମଦ ଓ ଗଞ୍ଜେଇ କାରବାର କରୁଛନ୍ତି। ତାଙ୍କୁ ବାରଣ କଲେ ସେ ହତ୍ୟା ଧମକ ଦେଉଛନ୍ତି। ଗ୍ରାମବାସୀ ତାଙ୍କୁ ଅନେକ ଥର ତାଗିଦ କଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମଙ୍ଗଳବାର ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସମ୍ପୃକ୍ତ ବ୍ୟକ୍ତି ଜଣକ କମ୍ ବୟସର ପିଲାଙ୍କୁ ନିଶା ସେବନ ଓ କାରବାରରେ ସଂପୃକ୍ତ କରାଇ ଗ୍ରାମରେ ବାତାବରଣ ଅଶାନ୍ତ କରିବା ସହ ସ୍କୁଲ,କଲେଜ ଯାଉଥିବା ଝିଅମାନଙ୍କୁ



ଏସ୍‌ପିଙ୍କୁ ଭେଟିଥିବା ଯୁବଗୋଷ୍ଠୀ।

ଦୁର୍ବ୍ୟବହାର କରୁଥିବା ଗ୍ରାମର ଯୁବଗୋଷ୍ଠୀ ଅଭିଯୋଗ କରିଥିଲେ। ସେମାନେ ପୁଣି ଜଣାଇଛନ୍ତି ଯେ, କେତେ ଜଣ ଶିକ୍ଷିତ ଯୁବକ ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଗାଁରେ ଖଣ୍ଡା ଓ ପିସ୍ତଲ ଧରି ବୁଲି ହତ୍ୟା ଧମକ ଦେଇଥିଲେ। ଏପରିକି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଗ୍ରାମବାସୀ ଓ କୋଦଳା ପୋଲିସ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ବୈଠକରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ଭୁଲ୍ ସ୍ୱୀକାର କରି କ୍ଷମା ମାଗିଥିଲେ । ପରେ ସେ ଗ୍ରାମର କେତେ ଜଣ ବ୍ୟକ୍ତିଙ୍କ ନାମରେ କେସ୍ ଦେଇଛନ୍ତି ବୋଲି ଏସ୍‌ପିଙ୍କୁ ଜଣାଇ ଏ ଦିଗରେ ପଦକ୍ଷେପ ନେବାକୁ ଯୁବକମାନେ ନିବେଦନ କରିଥିଲେ।

### ୧୦୨ ଅଭିଯୋଗ ଶୁଣିଲେ ଜିଲାପାଳ

ପାରଳାଖେମୁଣ୍ଡି,୧୨।୧୧
(ଗିରିଧାରୀ ପରିଛା)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ବାଡେଗୁଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ବିଜୟ କୁମାର ଦାଶ ଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ପାଇଁ ୧୦୨ଟି ଅଭିଯୋଗ ଆସିଥିଲା। ଜିଲାପାଳଙ୍କ ସମେତ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ବାଡେଗୁଡ଼, ଚାନ୍ଦିପୁଟ, ଲୁହାଗୁଡି ଓ ଶିକୁଳିପଦର ପଞ୍ଚାୟତର ୧୦୨ଟି ଅଭିଯୋଗ ଗ୍ରହଣ କରି ଶୁଣାଣି କରିଥିଲେ। ସେଥିରୁ ୪୦ଟି ବ୍ୟକ୍ତିଗତ ଏବଂ ୬୨ଟି ଗ୍ରାମ ସମସ୍ୟାମୂଳକ ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲାପାଳ ଦାଶ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜୀବ ଶବର, ବିଡିଓ ରାଜୀବ ଦାସ, ତହସିଲଦାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ତହସିଲଦାରଙ୍କୁ ଓକିଲ ସଂଘର ଦାବିପତ୍ର ପ୍ରଦାନ

ଦିଗପହଣ୍ଡି,୧୨।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାର ଅନିତା କୁମାରୀ ସାହୁଙ୍କୁ ପ୍ରଦାନ କରାଯାଇଛି। ଓକିଲ ସଂଘ ସଭାପତି ହରପ୍ରସାଦ ରଥଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ରରେ ପାରଳାଖେମୁଣ୍ଡିର ବରିଷ୍ଠ ଆଇନଜୀବୀ ପି. ରାମାରାଓଙ୍କ ଉପରେ ଏସିଡ ଆକ୍ରମଣକୁ ତୀବ୍ର ନିନ୍ଦା କରାଯିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯାଇଛି। ସେହିଭଳି ପୀଡିତ ଆଇନଜୀବୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା, ଅନୁନ୍ୟ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ଯୋଗାଇ ଦେବା, ସମସ୍ତ ଆଇନଜୀବୀଙ୍କ ପାଇଁ ସୁରକ୍ଷା ଆଇନ ଶୀଘ୍ର କାର୍ଯ୍ୟକାରୀ କରିବା, ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

### ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲେ ଆଇନଜୀବୀ



ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୋରଡ଼ା,୧୨।୧୧(ରଜନୀ ମହାପାତ୍ର)

ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ଆଇନଜୀବୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଆଇନଜୀବୀ କଲ୍ୟାଣ ପାର୍କର ଉନ୍ମୋଚନ ଓ ସୋରଡ଼ା ବରିଷ୍ଠ ଦେୱାନି ବିଚାରପତି ଅଦାଲତର ବାର୍ଷିକ ଉତ୍ସବ ଆଇନଜୀବୀ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ଶିବ ପ୍ରସାଦ ବାହିନୀପତି ସଭାପତିତ୍ୱ କରିଥିଲେ। ସଂଘର ସମସ୍ତ ସଦସ୍ୟ ଓ ଭଞ୍ଜନଗର ଆଇନଜୀବୀ ସଂଘର ସଭାପତି ସମ୍ପାଦକ ଏବଂ ଅନ୍ୟ ଆଇନଜୀବୀ ସହଯୋଗ କରିଥିଲେ। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଖବରଦାତା ଏଥିରେ ଯୋଗ ଦେଇଥିଲେ। ଆଇନଜୀବୀ କଲ୍ୟାଣ ପରିଷଦ ଅଧ୍ୟକ୍ଷ ପ୍ରଭାତ କୁମାର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ କାଳୀ ଚରଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଧାନ ସଂଗ୍ରହ ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବୈଠକ

ରାଇକିଆ, ୧୨।୧୧(ପ୍ରଦୀପ ବେହେରା)

ରାଇକିଆ ଆରଏମ୍‌ସି ପରିସରରେ ମଙ୍ଗଳାବର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧାନ ସଂଗ୍ରହ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଉପସଭାପତି ପୁଲିନ ପ୍ରକାଶ ପୁହା, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ପଣ୍ଡା, ସଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଯୋଗଦେଇ ଧାନ ସଂଗ୍ରହ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସର୍ବନିମ୍ନ ସହାୟକ ମୂଲ୍ୟରେ ୮୦୦ ଟଙ୍କାର ସବ୍‌ସିଡି ସହ ୩୧୦୦ ଟଙ୍କା, ପ୍ରତ୍ୟେକ ସବ୍‌ଡିଭିଜନରେ ଅତ୍ୟାଧୁନିକ କୋଲ୍ଡ ଷ୍ଟୋରେଜ ବ୍ୟବସ୍ଥା, କୃଷକ ପରିବାରର ପିଲାଙ୍କୁ ଶିକ୍ଷା ପାଇଁ ଆର୍ଥିକ ସହାୟତା, ବିଦ୍ୟାଲକ୍ଷ୍ମୀ ଯୋଜନାରେ ୧୦ ଲକ୍ଷ ପର୍ଯ୍ୟନ୍ତ ସହାୟତା ପ୍ରଦାନ ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏନେଇ ସଚେତନତା ସୃଷ୍ଟି ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ଏନ୍‌ସିସି ତାଲିମ ଶିବିର ଉଦ୍‌ଯାପିତ

ଆସିକା,୧୨।୧୧(ସୁରେନ୍ଦ୍ର ନାଥ ସାହୁ):

ଆସିକା କଲେଜ ଛକ ଧୋବାଡି ଗ୍ରାମ ସଂଲଗ୍ନ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରାବାସଠାରେ ଗତ ୪ ତାରିଖରୁ ଚାଲିଥିବା ଏନ୍‌ସିସି ନୌସେନା ବାହିନୀର ବାର୍ଷିକ ତାଲିମ ଶିବିର ମଙ୍ଗଳବାର ଉଦଯାପିତ ହୋଇଛି । ଉଦଯାପନୀ ଦିବସରେ ଡେପୁଟି ଡାଇରେକ୍ଟର ଜେନେରାଲ କମାଣ୍ଡର ମହେଶ ରଙ୍ଗଡାଲେ ଉପସ୍ଥିତ ରହି ତାଲିମ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କମାଣ୍ଡିଂ ଅଫିସର କମାଣ୍ଡର ନେଲୁରି ବିଜୟା ଫନେନ୍ଦ୍ର ସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରୁପ କମାଣ୍ଡର କ୍ୟାପେଟନ ଅମିତ ସାଙ୍ଗୱାନ, ଆଡିମିନ ଅଫିସର କର୍ନଲ ପରାଗ ମୁଖାର୍ଜି ପ୍ରମୁଖ ଯୋଗ ଦେଇ କ୍ୟାଡେଟମାନେ ନିଜକୁ ସେନାରେ ସାମିଲ କରି ଦେଶ ମାତୃକାର



ଅତିଥିଙ୍କ ଗହଣରେ ନାଭାଲ ଅଫିସରମାନେ।

ସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ମଧାହ୍ନରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ଓ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ । ସନ୍ଧ୍ୟାରେ କ୍ୟାଡେଟ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି, ଟେକ୍ନିକାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାରଣା ଓ ଏନସିସି ଏକ୍ସ ଚିଫ ଅଫିସର ଶିବରାମ ମହାରଣା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ନାଭାଲ ଅଫିସର କୈଳାସ ଚନ୍ଦ୍ର ଗୋଡ, ଆର. ବାଲରାଜୁ, ଚନ୍ଦନ କୁମାର ରଣା, ସଂଜୟ କୁମାର ଜାଲି, ଅଜିତ କୁମାର ବେହେରା, ମୁଖ୍ୟ ଟ୍ରେନର ସୁବଳ ପ୍ରଧାନ, କାହ୍ନୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଭିଯୋଗ ଶୁଣିଲେ ଉପଜିଲାପାଳ

ଦାରିଙ୍ଗବାଡି,୧୨।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ପରିସରରେ ମଙ୍ଗଳବାର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ କୌଣସି କାର୍ଯ୍ୟବ୍ୟସ୍ତତା ଯୋଗୁ ଅଭିଯୋଗ ଶୁଣାଣିକୁ ଆସି ନ ପାରିବାରୁ ଫୁଲବାଣୀ ଉପଜିଲାପାଳ ଚିତ୍ତ ରଞ୍ଜନ ମହନ୍ତ ଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ପାଇଁ ୧୩୮ଟି ଅଭିଯୋଗ ଆସିଥିଲା। ସେଥିରୁ ୬୩ଟି ବ୍ୟକ୍ତିଗତ ଓ ୭୫ଟି ସାମୁହିକ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣି ବେଳେ କୋଟଗଡ଼ ବ୍ଲକ ରାଣିପାଙ୍ଗା ପଞ୍ଚାୟତର ଉନ୍ନତି ପାଇଁ ପୂର୍ବତନ ସରପଞ୍ଚ ଜୋହନ ପ୍ରଧାନ ଲିଖିତ ରୂପେ ଜଣାଇଥିଲେ। ସେହିପରି




ଫୁଲବାଣୀ ଉପ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ସିର୍କାବର୍ଗ ପଞ୍ଚାୟତ ସମିତିସଭ୍ୟ ଶ୍ୟାମଘନ ପ୍ରଧାନ ତାଙ୍କ ପଞ୍ଚାୟତରେ ମୋବାଇଲ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇ ନ ଥିବା ଏବଂ ରାସ୍ତା ମରାମତି କରିବାକୁ ଶୁଣାଣି ବେଳେ ଅବଗତ କରାଇଥିଲେ। ସେହିପରି ଶଶୀ ଗୌଡ଼ ତାଙ୍କ ଝିଅର ଦୁର୍ଘଟଣାରେ ଗୋଡ଼ ଭାଙ୍ଗିଯାଇଥିବାରୁ ଚିକିତ୍ସା ପାଇଁ ଅର୍ଥ ସହାୟତା ପାଇଁ ନିବେଦନ କରିଥିଲେ। କୁମ୍ଭାରିଗାଁ ପଞ୍ଚାୟତ ଅନ୍ତର୍ଗତ ଗବରକୁଟିଠାରୁ ଖଜୁରୀପଦା ଓ ଗବରକୁଟି ଠାରୁ ଜିରିହ ନଗର ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ପର୍ଯ୍ୟନ୍ତ ପକ୍କା ରାସ୍ତା ସମ୍ପ୍ରସାରଣ ପାଇଁ

**ମିଳିତ ଅଭିଯୋଗ ଶୁଣାଣି**

ସରପଞ୍ଚ ସୁମିତ୍ରା ଦଳବେହେରା ଦାବି କରିଥିଲେ । ଏଥି ସହିତ ଭତ୍ତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ, ନେଟୱର୍କ ସମସ୍ୟା, ରାସ୍ତା ସମସ୍ୟା, ବିଦ୍ୟୁତ୍ ଯୋଗାଣ ସମସ୍ୟା, ଚିକିତ୍ସା ପାଇଁ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ନିଜ ଅଭିଯୋଗ ଲିଖିତ ରୂପେ ଜଣାଇଥିଲେ। ଶୁଣାଣି ବେଳେ ଡେପୁଟି କଲେକ୍ଟର ଧିରଜ ପାତ୍ର, ରାଜେନ୍ଦ୍ର ନାରାୟଣ ସେନାପତି, ସିଡିଏମଓ ସନ୍ତୋଷ ପାତ୍ର, ସହକାରୀ ଜିଲାପାଳ ପଦ୍ମିନୀ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ, ଆଇଆଇଆସି ରମେଶ ପ୍ରଧାନଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

